## ବହୁ ଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ଘଟଣା

# ୨୨ ବର୍ଷ ପରେ ବିବନ ବିଶ୍ୱାଳ ପୁନେରୁ ଗିରଫ

**କଟକ, ବାରଙ୍ଗ, ୨୨।୨/ଏନ୍ଏନ୍ଏସ୍ :**

ବହୁଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ୨୨ ବର୍ଷ ପରେ ଧରିବାରେ ସଫଳ ହୋଇଛି କମିଶନରେଟ ପୁଲିସ। ଗିରଫ ମୁଖ୍ୟ ଅଭିଯୁକ୍ତ ବାରଙ୍ଗ ଥାନା ଅନ୍ତର୍ଗତ ନରଣପୁରର ବିବେକାନନ୍ଦ ବିଶ୍ୱାଳ ଓରଫ ବିବନ ଓରଫ ବିକେ। ପୁଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀଙ୍କ ସୂଚନା ମୁତାବକ, ଅଭିଯୁକ୍ତ ବିବନକୁ ପୁନେର ଆମ୍ବିଭାଲିରୁ ଗିରଫ କରାଯାଇଛି।

୧୯୯୯ ଜାନୁଆରୀ ୯ ତାରିଖ ରାତିରେ ପୀଡ଼ିତା ଅଞ୍ଜନା ତାଙ୍କ ସାମ୍ବାଦିକ ବନ୍ଧୁ ସୂତନ ଗୁରୁଙ୍କ ସହିତ କଟକରୁ ଓକିଲ ପରାମର୍ଶ କରି ବାରଙ୍ଗ ତ୍ରିଶୁଳିଆର ଏକ ଢାବାରେ ଖାଇଥିଲେ। ଏହି ସମୟରେ ୩ ଦୁର୍ବୃତ୍ତ ତାଙ୍କ ଉପରେ ନଜର ରଖିଥିଲେ। ଏକ ଆମ୍ବାସାଡର୍ କାର୍ ଯୋଗେ ଅଞ୍ଜନା ଓ ତାଙ୍କ ବନ୍ଧୁ ଭୁବନେଶ୍ୱର ଯିବା ବାଟରେ ଅଭିଯୁକ୍ତମାନେ ତାଙ୍କ ଗାଡ଼ିକୁ ଅଟକାଇ ଥିଲେ। ସେମାନଙ୍କ



ମଧ୍ୟରୁ ଜଣେ କାର୍ ଚଳାଇ ନେଇଥିବା ବେଳେ ଅନ୍ୟ ଜଣେ ସ୍କୁଟରରେ କାର୍ ଡ୍ରାଇଭରକୁ ନେଇଯାଇଥିଲେ। ବାରଙ୍ଗ ରାସ୍ତାର ବେଲଗାଛିଆ ନିକଟରେ ମୁଖ୍ୟ ଅଭିଯୁକ୍ତ ବିବନ, ତା'ର ସହଯୋଗୀ ପ୍ରଦୀପ ସାହୁ ଓରଫ ପଦିଆ ଏବଂ ଧୀରେନ୍ଦ୍ର ମହାନ୍ତି ଓରଫ କୁନିଆ ଗଣଦୁଷ୍କର୍ମ କରିଥିଲେ। ପରେ ମୁଖ୍ୟ ଅଭିଯୁକ୍ତ ବିବନ ପୀଡ଼ିତାଙ୍କୁ ନେଇ ଏକ ଜଙ୍ଗଲରେ ମଧ୍ୟ ଦୁଷ୍କର୍ମ କରିଥିଲା। ଏହି ଦୁଷ୍କର୍ମ ତିନି ଚାରି ଘଣ୍ଟାଧରି ଚାଲିଥିଲା। ଏନେଇ କଟକ ମହିଳା ଥାନାରେ ପରଦିନ ଅର୍ଥାତ୍ ଜାନୁଆରୀ ୧୦ ତାରିଖରେ କେସ୍ ନଂ. ୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଥିଲା। ତେବେ ଏହି ଘଟଣା ସେ ସମୟରେ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟିକରିଥିଲା। ରାଜ୍ୟବ୍ୟାପୀ ଧାରଣା, ପୋଡ଼ାଜଳା ଏପରିକି ବନ୍ଦ ଡାକରା ମଧ୍ୟ ଦିଆଯାଇଥିଲା। ଘଟଣାର ମାତ୍ର ଦୁଇଦିନ ପରେ ଅର୍ଥାତ୍ ଜାନୁଆରୀ ୧୨ ତାରିଖରେ ରାଜ୍ୟ ସରକାର ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଓଡ଼ିଶା ପୁଲିସ ଓ କ୍ରାଇମବ୍ରାଞ୍ଚ ପ୍ରଥମେ ବ୍ୟବହୃତ ସ୍କୁଟରକୁ ଜବତ କରିବା ସହ ସେହି ମାସ ୨୬ ରେ ପଦିଆ ଓ କୁନିଆକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ



ଧରାପଡ଼ିନଥିବାରୁ ଏଭଳି ସମ୍ବେଦନଶୀଳ ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବାକୁ ଓଡ଼ିଶା ହାଇକୋର୍ଟ ଫେବୃଆରୀ ୨୬ ତାରିଖରେ ନିର୍ଦ୍ଦେଶ

▶▶ ୭

ନିତିଦିନ NITIDIN Tue, Feb 23, 2021
http://odishanewsnitidin.com